# NATIONAL NEWS BULLETIN (ODIA)

## 01st August - 2024

## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ତାଙ୍କ ଭିଏତ୍‌ନାମ୍ ପ୍ରତିପକ୍ଷଙ୍କ ସହ କଲେ ବାର୍ତ୍ତାଳାପ ।

— ଉଭୟ ଦେଶ ମଧ୍ୟରେ ଏକାଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ।

- ୱାୟନାଡ଼ର ବିପର୍ଯ୍ୟସ୍ତ ଅଞ୍ଚଳରୁ ସମସ୍ତଙ୍କୁ ଉଦ୍ଧାର କରାଯାଇଥିବା ନେଇ ସୂଚନା ଦେଲେ ମୁଖ୍ୟମନ୍ତ୍ରୀ ପିନାରାୟ ବିଜୟନ୍ ।

- ଦେଶରେ ନଦୀଗୁଡ଼ିକର ସଂଯୋଗୀକରଣ ଯୋଗୁଁ ଅତିରିକ୍ତ ୩ କୋଟି ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଜଳସେଚନ ହୋଇପାରିବ; କହିଲେ ଜଳଶକ୍ତି ମନ୍ତ୍ରୀ ।

- ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ର ଥ୍ରୀ ପୋଜିସନ୍ ପୁରୁଷ ୫୦ ମିଟର ରାଇଫଲ୍‌ରେ ବ୍ରୋଞ୍ଜ୍ ପଦକ ବିଜେତା ସ୍ୱପ୍ନିଲ୍ କୁସାଲେଙ୍କ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

ଏବଂ

- ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ କ୍ରିକେଟ୍ ଶୃଙ୍ଖଳା ଆସନ୍ତାକାଲିଠାରୁ ହେବ ଆରମ୍ଭ ।

## ଇଣ୍ଡିଆ-ଭିଏତ୍‌ନାମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ ତାଙ୍କ ଭିଏତ୍‌ନାମ୍ ପ୍ରତିପକ୍ଷ ଫାମ୍ ମିନ୍ ଚିନ୍'ଙ୍କ ସହ ବାର୍ତ୍ତାଳାପ କରିଛନ୍ତି । ବାର୍ତ୍ତାଳାପ ପରେ ଉଭୟ ନେତା ଆଭାସୀ ମାଧ୍ୟମରେ ଭିଏତ୍‌ନାମ୍‌ର ନା ତ୍ରାଙ୍ଗ୍'ସ୍ଥିତ ଟେଲିକମ୍ୟୁନିକେସନ୍‌ସ୍ ୟୁନିଭରସିଟିରେ ଥିବା ଆର୍ମି ସଫ୍ଟୱେର୍ ପାର୍କର ଉଦ୍‌ଘାଟନ କରିଛନ୍ତି । ଏହି ପ୍ରକଳ୍ପ ଉଭୟ ଦେଶର ସହଭାଗିତାରେ ନିର୍ମାଣ କରାଯାଇଛି । ଏହି ପ୍ରକଳ୍ପପାଇଁ ଭାରତ ୫ ନିୟୁତ ଡଲାର ସହାୟତା ପ୍ରଦାନ କରିଛି । ଏହି ଅବସରରେ ଉଭୟ ଦେଶ ମଧ୍ୟରେ ଅନେକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ସେଗୁଡ଼ିକ ମଧ୍ୟରେ ସୀମା ଶୁଳ୍କ, କୃଷି ଗବେଷଣା ଓ ଶିକ୍ଷା, ସାମୁଦ୍ରିକ ଐତିହ୍ୟ, ଔଷଧୀୟ ଚାରା ଏବଂ ନ୍ୟାୟିକ କ୍ଷେତ୍ର ରହିଛି । ଭାରତର ପ୍ରସାର ଭାରତୀ ଏବଂ ଭିଏତ୍‌ନାମର ଭଏସ୍ ଅଫ୍ ଭିଏତ୍‌ନାମ୍ ମଧ୍ୟରେ ରେଡ଼ିଓ ଓ ଟେଲିଭିଜନ୍ ସହଯୋଗିତା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ହୋଇଛି । ଉଭୟ ଦେଶ ୟୁନେସ୍କୋ ବିଶ୍ୱ ଐତିହ୍ୟର ପୁନରୁଦ୍ଧାର ଓ ଋଣ ଚୁକ୍ତି ସମ୍ପର୍କିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ଗଣମାଧ୍ୟମକୁ ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ବିଗତ ୧୦ ବର୍ଷ ମଧ୍ୟରେ ଭାରତ-ଭିଏତ୍‌ନାମ ସମ୍ପର୍କ ଦୃଢ଼ୀଭୂତ ହୋଇଚି । ଦ୍ୱିପାକ୍ଷିକ ବାଣିଜ୍ୟରେ ୮୫ ପ୍ରତିଶତ ଅଭିବୃଦ୍ଧି ଘଟିଛି ।

ଭିଏତ୍‌ନାମ୍ ପ୍ରଧାନମନ୍ତ୍ରୀ ଓ ତାଙ୍କ ପ୍ରତିନିଧି ଦଳ ଆଜି ସକାଳେ ରାଷ୍ଟ୍ରପତି ଭବନରେ ପହଞ୍ଚିବା ପରେ ଶ୍ରୀ ମୋଦି ସେମାନଙ୍କ ସ୍ୱାଗତ କରିଥିଲେ । ଭିଏତ୍‌ନାମ୍ ପ୍ରଧାନମନ୍ତ୍ରୀ ରାଜଘାଟ୍ ଯାଇ ମହାତ୍ମାଗାନ୍ଧିଙ୍କ ସମାଧିପୀଠରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଆଜି ପ୍ରଧାନମନ୍ତ୍ରୀ ଚିନ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ଜଗଦୀପ ଧନ୍‌ଖଡ଼୍‌ଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟସୂଚୀ ରହିଛି ।

## କେରଳ - ୱାୟନାଡ଼ ଅପ୍‌ଡେଟ୍

କେରଳ ମୁଖ୍ୟମନ୍ତ୍ରୀ ପିନାରାୟ ବିଜୟନ୍ ବରିଷ୍ଠ ସେନା ଅଧିକାରୀମାନଙ୍କ ସହ ଆଲୋଚନା ପରେ ୱାୟନାଡ଼ର ମୁଣ୍ଡାକାଇ ବିପର୍ଯ୍ୟସ୍ତ ଅଞ୍ଚଳରୁ ସମସ୍ତଙ୍କୁ ଉଦ୍ଧାର କରାଯାଇଥିବା ସୂଚନା ଦେଇଛନ୍ତି । ଗତ ମଙ୍ଗଳବାର ଦିନ ଭୂସ୍ଖଳନ ଘଟି ସେହି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ଆଜି ଅପରାହ୍ଣରେ

ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ କଥାବାର୍ତ୍ତାବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି, କିଛି ଲୋକ ବର୍ତ୍ତମାନ ମଧ୍ୟ ନିଖୋଜ ରହିଛନ୍ତି ଓ ଆଉ କିଛି ମୃତଦେହ ଧ୍ୱଂସାବଶେଷ ତଳେ ପୋତିହୋଇ ରହିଥିବା ଆଶଙ୍କା କରାଯାଉଛି । ସେ ମଧ୍ୟ ସେନାବାହିନୀଦ୍ୱାରା ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ପ୍ରଶଂସା କରିଛନ୍ତି ।

ଚାଲିୟାର ନଦୀରେ ଭାସିଯାଇଥିବା ଆଉକିଛି ମୃତ ଶରୀର ଉଦ୍ଧାର କରାଯିବାପାଇଁ ଉଦ୍ୟମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ବିପର୍ଯ୍ୟୟରେ ପ୍ରଭାବିତ ଲୋକଙ୍କୁ ଥଇଥାନ ଏବଂ ସେମାନଙ୍କ ପିଲାମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ନିଶ୍ଚିତ କରିବାପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟନ୍ ସେହି ଅଞ୍ଚଳରେ ସଂକ୍ରାମକ ରୋଗର ମୁକାବିଲା କ୍ଷେତ୍ରରେ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ସହଯୋଗ କରିବାପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଶ୍ରୀ ବିଜୟନ୍ କହିଛନ୍ତି, ରାଜସ୍ୱ, ଜଙ୍ଗଲ, ପର୍ଯ୍ୟଟନ ଓ ପୂର୍ତ୍ତ, ତଫସିଲଭୁକ୍ତ ଜାତି ଓ ଜନଜାତି କଲ୍ୟାଣ ବିଭାଗର ମନ୍ତ୍ରୀମାନଙ୍କୁ ନେଇ କ୍ୟାବିନେଟ୍ ସବ୍-କମିଟି ଗଠନ କରାଯାଇଛି । ସେହି କମିଟି ୱାୟନାଡ଼ରେ ଅବସ୍ଥାନ କରି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିବେ । ଭୂସ୍ଖଳନ ଯୋଗୁଁ ଅନେକ ଦସ୍ତାବିଜ ଓ ପ୍ରମାଣପତ୍ର ନଷ୍ଟ ହୋଇଥିବାବେଳେ ସେଗୁଡ଼ିକୁ ପୁନଃ ଯୋଗାଇ ଦେବାକୁ ସେ ଆଶ୍ୱାସନା ଦେଇଛନ୍ତି । ପୂର୍ବରୁ ମୁଖ୍ୟମନ୍ତ୍ରୀ ଏକ ସର୍ବଦଳୀୟ ବୈଠକରେ ଆଲୋଚନା କରିବା ସହ ବରିଷ୍ଠ ଅଧିକାରୀମାନଙ୍କ ସହ ପରିସ୍ଥିତିର ସମୀକ୍ଷା କରିଥିଲେ ।

# ଏଲ୍.ଏସ୍. - ଆଇ.ଏଲ୍.ଆର୍.

ସରକାର କହିଛନ୍ତି, ଦେଶରେ ନଦୀଗୁଡ଼ିକର ସଂଯୋଗୀକରଣ ଯୋଗୁଁ ଅତିରିକ୍ତ ସାଢ଼େ ୩ କୋଟି ହେକ୍ଟର ଜମିରେ ଜଳସେଚନ ଓ ୩୪ ହଜାର ମେଗାଓ୍ୱାଟ୍ ଜଳବିଦ୍ୟୁତ୍ ଉତ୍ପାଦନ ହୋଇପାରିବ । ଏଥିପାଇଁ ଦେଶରେ ଚିହ୍ନଟ ହୋଇଥିବା ୩୦ଟି ନଦୀର ଆନ୍ତଃ ସଂଯୋଗୀକରଣ ସମ୍ପୃକ୍ତ ରାଜ୍ୟସମୂହର ସହମତିକ୍ରମେ କାର୍ଯ୍ୟକାରୀ ହୋଇପାରିବ । ସମ୍ପ୍ରତି କେନ୍-ବେଟ୍ୱା ସଂଯୋଗୀକରଣ ପ୍ରକଳ୍ପ ଦେଶରେ ଏକମାତ୍ର ଓ ପ୍ରଥମ କରି କାର୍ଯ୍ୟକାରୀ କରାଯାଉଛି । ଲୋକସଭାରେ ଏକ ଲିଖିତ ଉତ୍ତରରେ ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ କହିଛନ୍ତି, ବର୍ତ୍ତମାନ ପ୍ରକଳ୍ପପାଇଁ ଆନୁଷଙ୍ଗିକ ପ୍ରାକ୍ ପ୍ରସ୍ତୁତି, ଜମି ଅଧିଗ୍ରହଣ ଓ ଅନୁମତି ପତ୍ର ପାଇବା ଉପରେ ଗୁରୁତ୍ୱ ଦିଆଯାଉଛି । ଏହି ପ୍ରକଳ୍ପ ୨୦୩୦ ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଆନ୍ତଃ ନଦୀଗର୍ଭ ଜଳ ସ୍ଥାନାନ୍ତରଣ ପ୍ରକ୍ରିୟାପାଇଁ ଜାତୀୟ ଜଳ ବିକାଶ ସଂସ୍ଥା ୩୦ଟି ନଦୀକୁ ଚିହ୍ନଟ କରିଛି ଓ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ପ୍ରାକ୍ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

# ଏଲ୍.ଏସ୍. - ରେଲ୍‌ୱେଜ୍

ଦେଶରେ ରେଳ ଦୁର୍ଘଟଣାକୁ ରୋକିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ । ଆଜି ଲୋକସଭାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କ ମନ୍ତ୍ରଣାଳୟ ପାଇଁ ଅନୁଦାନ ଦାବି କରିବା ଅବସରରେ କହିଛନ୍ତି, ୟୁ.ପି.ଏ. ଶାସନକାଳରେ ବର୍ଷକୁ ହାରାହାରି ୧୭୧ଟି ରେଳ ଦୁର୍ଘଟଣା ଘଟୁଥିବାବେଳେ ଏନ୍.ଡି.ଏ. ସରକାର ଅମଳରେ ଏହା ୬୮କୁ ହ୍ରାସ ପାଇଛି । ତେବେ ରେଳଯାତ୍ରାରେ ସୁରକ୍ଷାକୁ ନିଶ୍ଚିତ କରିବା ଦିଗରେ ସବୁ କ୍ଷେତ୍ରରୁ ବ୍ୟାପକ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି ।

ଶ୍ରୀ ବୈଷ୍ଣବ କହିଛନ୍ତି, ୨୦୨୨-୨୩ ବର୍ଷରେ ରେଳ ନିରାପତ୍ତା କ୍ଷେତ୍ର ପାଇଁ ୮୭ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଥିବାବେଳେ ଗତ ଆର୍ଥିକ ବର୍ଷରେ ଏହା ୯୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲା । ମନ୍ତ୍ରୀ କହିଛନ୍ତି, ଚଳିତ ବର୍ଷ ବଜେଟ୍‌ରେ ୧ ଲକ୍ଷ ୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରେଳ ନିରାପତ୍ତା ପାଇଁ ଆବଣ୍ଟନ କରାଯାଇଛି । ବର୍ତ୍ତମାନ ସମୟରେ ମାନବବିହୀନ ଲେବୁଲ୍ କ୍ରସିଂଗୁଡ଼ିକ ଦେଶରୁ ଉଚ୍ଛେଦ କରାଯାଇଛି । ଅଯୋଧ୍ୟା ରେଳଷ୍ଟେସନ୍ ବାବଦରେ କଂଗ୍ରେସ ଓ ସମାଜବାଦୀ ପାର୍ଟି ପକ୍ଷରୁ ବିଭ୍ରାନ୍ତିକର ତଥ୍ୟ ପ୍ରସାର କରାଯାଉଥିବାର ମନ୍ତ୍ରୀ ଅଭିଯୋଗ କରିଛନ୍ତି । ଏହି ଅବସରରେ ଶ୍ରୀ ବୈଷ୍ଣବ ଆଉ ୫୦ଟି ଅମୃତ ଭାରତ ଟ୍ରେନ୍ ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ସୂଚନା ଦେଇଛନ୍ତି । ରେଳ

ବିଭାଗରେ ନିଯୁକ୍ତି ଉପରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ୨୦୧୪ ପରଠାରୁ ଭାରତୀୟ ରେଳବାଇରେ ୫ ଲକ୍ଷରୁ ଅଧିକ ନିଯୁକ୍ତି ଦିଆଯାଇଛି । ଏହା ୟୁ.ପି.ଏ. ଶାସନ କାଳରେ ୪ ଲକ୍ଷ ୧୧ ହଜାର ଥିଲା ।

## ପ୍ୟାରିସ୍ ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ର ଷଷ୍ଠ ଦିବସରେ ଭାରତ ପାଇଁ ମିଶ୍ରିତ ଫଳ ଦେଖିବାକୁ ମିଳିଛି । ପୁରୁଷ ୫୦ ମିଟର ରାଇଫଲ ଥ୍ରୀ ପୋଜିସନ୍‌ରେ ସ୍ୱପ୍ନିଲ୍ କୁସାଲେ ଭାରତ ପାଇଁ ତୃତୀୟ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି । ୨୮ ବର୍ଷୀୟ କୁସାଲେ ଏହି ବର୍ଗରେ ପ୍ରଥମ ଭାରତୀୟ ବନ୍ଧୁକ ଚାଳକ ଭାବେ ଏହି ସଫଳତା ପାଇଛନ୍ତି । ତେବେ ଏହି ବର୍ଗରେ ମହିଳା ଦଳକୁ ନିରାଶାର ସାମ୍ନା କରିବାକୁ ପଡ଼ିଛି । ମହିଳା ଦଳ ଯୋଗ୍ୟତା ପର୍ଯ୍ୟାୟରେ ବିଫଳ ହୋଇଛି । ସେହିପରି ମୁଷ୍ଟିଯୁଦ୍ଧରେ ନିଖତ୍ ଜରିନ୍ ଚୀନ୍‌ର ଶୀର୍ଷ ମାନ୍ୟତା ପ୍ରାପ୍ତ ଓ୍ୱୁ ୟୁ'ଙ୍କଠାରୁ ଷୋଡ଼ଶ ରାଉଣ୍ଡରେ ପରାସ୍ତ ହୋଇଛନ୍ତି । ହକିରେ ଭାରତ ଗ୍ରୁପ୍-ବି' ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ବେଲ୍‌ଜିୟମ୍‌ଠାରୁ ୧-୨ ଗୋଲ୍‌ରେ ପରାସ୍ତ ହୋଇଛି ।

ବ୍ୟାଡ୍‌ମିଣ୍ଟନ୍‌ରେ ସାତ୍ତ୍ୱିକ୍ ସାଇରାଜ୍ ରାଙ୍କିରେଡ୍ଡୀ ଓ ଚିରାଗ୍ ସେଟ୍ଟୀ ଯୋଡ଼ି ପୁରୁଷ ଡବଲ୍‌ସ୍‌ର କ୍ୱାର୍ଟର ଫାଇନାଲ୍‌ରେ ମାଲେସିଆର ଆରୁନ୍ ଚିଆ

ଓ ସୋ ଉଇ ୟିକ୍ ଯୋଡ଼ିଙ୍କଠାରୁ ୨୧-୧୩, ୧୪-୨୧ ଓ ୧୬-୨୧ ସେଟ୍‌ରେ ପରାସ୍ତ ହୋଇଛନ୍ତି । ତେବେ ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ୍ ବିଜେତା ପି.ଭି. ସିନ୍ଧୁ ଆଜି ସନ୍ଧ୍ୟାରେ ଚୀନ୍‌ର ହେ ବିଙ୍ଗ୍ ଜିଆଓ'ଙ୍କ ମଧ୍ୟରେ ବୋଞ୍ଜ୍ ପଦକ ପାଇଁ ମୁକାବିଲା ହେବ ।

## ସ୍ୱପ୍ନିଲ କୁସାଲେ

ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ର  ଥ୍ରୀ ପୋଜିସନ୍ ପୁରୁଷ ୫୦ ମିଟର ରାଇଫଲ୍‌ରେ ବ୍ରୋଞ୍ଜ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଥିବା ସ୍ୱପ୍ନିଲ୍ କୁସାଲେଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି କହିଛନ୍ତି, ଅଲିମ୍ପିକ୍ସ କ୍ରୀଡ଼ାରେ ପ୍ରଥମ ଥରପାଇଁ ଭାରତ ବନ୍ଧୁକ ଚାଳନାରେ ୩ଟି ପଦକ ଜିତିଛି । ବନ୍ଧୁକ ଚାଳନାରେ ଅଂଶଗ୍ରହଣ କରିଥିବା ସମସ୍ତ କ୍ରୀଡ଼ାବିତ୍ ଭାରତକୁ ଗର୍ବିତ କରିଛନ୍ତି । ରାଷ୍ଟ୍ରପତି ଆଗାମୀ ପ୍ରତିଯୋଗିତାପାଇଁ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ସ୍ୱପ୍ନିଲ୍ କୁସାଲେ ଭାରତକୁ ଆହୁରି ଗୌରବାନ୍ୱିତ କରିବେ ବୋଲି କାମନା କରିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ସ୍ୱପ୍ନିଲ କୁସାଲେଙ୍କୁ ଶୁଭେଚ୍ଛା ଜଣାଇବା ସହ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, କୁସାଲେଙ୍କର ନିରନ୍ତର ସାଧନା ଓ ଉତ୍ସର୍ଗୀକୃତ ମନୋଭାବ ବିଶ୍ୱମଞ୍ଚରେ ସମଗ୍ର ଦେଶକୁ ଗର୍ବିତ କରିଛି । ଉପରାଷ୍ଟ୍ରପତି କୁସାଲେଙ୍କର ଉତ୍ତରୋତ୍ତର ସଫଳତା କାମନା କରିଛନ୍ତି ।

ଗଣମାଧ୍ୟମର ଏକ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ସ୍ୱପ୍ନିଲ କୁସାଲେଙ୍କ ଏହା ଅସାଧାରଣ ପ୍ରଦର୍ଶନ । ତାଙ୍କର ଅନନ୍ୟ କୌଶଳ ପ୍ରଦର୍ଶନ ଏବଂ ଦକ୍ଷତା ତାଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ଶ୍ରୀ ମୋଦି କହିଛନ୍ତି, ପ୍ରଥମ ଭାରତୀୟ କ୍ରୀଡ଼ାବିତ୍ ଭାବେ ଏହି ବର୍ଗରେ ସେ ପଦକ ଜିତିଛନ୍ତି, ଯାହା ପ୍ରତ୍ୟେକ ଭାରତୀୟଙ୍କ ମନରେ ଖୁସି ଭରିଦେଇଛି ।

## କ୍ରିକେଟ୍

ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ୍ ଶୃଙ୍ଖଳା ଆସନ୍ତାକାଲିଠାରୁ ଆରମ୍ଭ ହେବ । ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋସ୍ଥିତ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବ । ଏହି ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୪ ତାରିଖ ଏବଂ ତୃତୀୟ ମ୍ୟାଚ୍ ୭ ତାରିଖରେ ଅନୁଷ୍ଠିତ ହେବ । ସମସ୍ତ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ନ ୨ଟା

୩୦ ମିନିଟ୍‌ରେ ଆରମ୍ଭ ହେବ । ୫୦ ଓଭର୍ ବିଶିଷ୍ଟ ଏହି ମ୍ୟାଚ୍‌ଗୁଡ଼ିକରେ ରୋହିତ ଶର୍ମା ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ । ଦଳରେ ବିରାଟ କୋହଲି ଏବଂ ଶ୍ରେୟସ ଆୟାର ମଧ୍ୟ ଅଛନ୍ତି । ଏହା ପୂର୍ବରୁ ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ଭାରତ ଟି-୨୦ ଶୃଙ୍ଖଳାକୁ ୩-୦ରେ ବିଜୟୀ ହୋଇସାରିଛି ।

## ଲେବାନନ୍ ଆଡ୍‌ଭାଇଜରୀ

ବେରୁଟ୍‌ରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସମସ୍ତ ଭାରତୀୟ ନାଗରିକଙ୍କୁ ପରବର୍ତ୍ତୀ ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ ଲେବାନନ୍ ଯାତ୍ରା ନ କରିବାପାଇଁ ପରାମର୍ଶ ଦେଇଛନ୍ତି । ସମ୍ପ୍ରତି ସେହି ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଉଥିବା ଲକ୍ଷ୍ୟ କରି ଦୂତାବାସ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ଯେଉଁମାନେ ସେଠାରେ ବର୍ତ୍ତମାନ ଅବସ୍ଥାନ କରୁଛନ୍ତି, ଦୂତାବାସ ସହ ନିୟମିତ ଯୋଗସୂତ୍ର ରକ୍ଷା କରିବା ସହ ବାହାରକୁ ବାହାରିବା ସମୟରେ ସତର୍କତା ଅବଲମ୍ବନ କରିବାପାଇଁ ପରାମର୍ଶ ଦିଆଯାଇଛି ।

*****